# କୃଷ୍ଣଚୂଡ଼ା

ସାପ୍ତାହିକ "ସଂଗ୍ରାମ"  ଖବରକାଗଜ ଅଫିସ ।

ସଦାନନ୍ଦ ପ୍ରୁଫ୍ ଦେଖୁଛି । କେବେକାର ପୁରୁଣା କୋଠା । ଛାତ ଫାଟି ବର୍ଷା ଝରୁଚି । ତଳର ଚଟାଣରେ ପାଣିର ସୁଅ ବହି ଚାଲିଛି । ଗୋଟାଏ ପାଖ କାନ୍ଥରେ ମାଡ଼ିଯାଇଚି ଶିଉଳୀର ନେଳୀ ଆସ୍ତରଣ ।

ବାହାରେ ଆଦ୍ୟ ଆଷାଢ଼ର ଅବିରାମ ବର୍ଷାଧାରା ଟିକିଏ କମି ଆସିଛି । କ୍ଳାନ୍ତିରେ, ଅବସାଦରେ ସଦାନନ୍ଦ କାଗଜର ପ୍ରୁଫ୍ ଟେବୁଲର ଗୋଟାଏ ପାଖକୁ ଠେଲିଦେଲା । ପ୍ରୁଫ୍ ଦେଖି ଦେଖି, ଗତ କେଇଟା ବର୍ଷ ଭିତରେ ସେ କିପରି ଅସ୍ୱାଭାବିକ ଭାବରେ ନୈରାଶ୍ୟବାଦୀ ସିନିକ୍ ପାଲଟି ଗଲାଣି । ଜୀବନରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁଠି ଖାଲି ଭୁଲ୍ ଆଉ ଭୁଲ୍, ପୁଣି ଭୁଲ୍ ।

କାଗଜ ବାହାରିବା ପାଇଁ ଆଉରି ଚାରିପୃଷ୍ଠା ବାକୀ, ଅର୍ଥାତ୍ ଷୋଳ କଲମ । ଷୋଳ କଲମ ପୁଣି ପୂର୍ଣ୍ଣ କରିବାକୁ ପଡ଼ିବ । କ୍ଳାନ୍ତି ଓ ବିରକ୍ତିରେ ସଦାନନ୍ଦ ପକେଟ୍‌ରୁ ଖଣ୍ଡେ ସିଗାରେଟ୍ କାଢ଼ି ନିଆଁ ଲଗାଇଲା ।

ସଦାନନ୍ଦ ସବୁ । ଏକାଧାରରେ ସମ୍ପାଦକ, ପ୍ରୁଫ୍‌ରିଡ଼ର ସବୁ । ଆଉ ଜଣେ ସହକର୍ମୀ ଅଛି । କିନ୍ତୁ ସେ ବାହାରର କଥା ବୁଝିବା ପାଇଁ ।

ସଦାନନ୍ଦ କେଜାଣି କାହିଁକି ଅକାରଣରେ ପଛକୁ ଫେରି ଖୋଲା ଝରକାବାଟେ ଚାହିଁଲା, ବାହାରର ପୃଥିବୀକୁ ।

ଅନେକ ଦିନ ଧରି ସେ ଭୁଲରେ ସୁଦ୍ଧା କେବେ ଥରେ ହେଲେ ଏମିତି ଚାହିଁ ନଥିଲା । କେତେଦିନ ଧରି ସେ ଜାଣେନା, କିନ୍ତୁ ଅନେକ ଦିନ ଧରି ।

ଝରକା ଦେହକୁ ଲାଗି ଗୋଟିଏ କୃଷ୍ଣଚୂଡ଼ା ଗଛ । ସାବଜା ଗଛର ଶ୍ୟାମଳ ଶୀର୍ଷ ଲୁଚିଯାଇଛି କୃଷ୍ଣଚୂଡ଼ାର ଛବିଳ ଆବରଣ ତଳେ ।

ସୁନ୍ଦର....ନାଁ ଖାଲି ସୁନ୍ଦର କହିଲେ ଅନେକ କିଛି ଅସମ୍ପୂର୍ଣ୍ଣ ରହିଯିବ । ସୁନ୍ଦର, କୋମଳ, କାନ୍ତ, ମଧୁର ଓ କମନୀୟ କୃଷ୍ଣଚୂଡ଼ାର ସେ ରକ୍ତିମ ବିକାଶ ।

ଆଷାଢ଼ର ଆକାଶରେ କଳାହାଣ୍ଡିଆ ମେଘ ଯେପରି ମାଟି ଛୁଉଁଚି, ଆଉ ମେଘର କୋଳରେ କୃଷ୍ଣଚୂଡ଼ା । ବୈଷ୍ଣବ-ସାଧକର ଅତସୀ-କୁସୁମ କୃଷ୍ଣଚୂଡ଼ାରେ ଯେପରି ପିନ୍ଧିଛନ୍ତି ସଦ୍ୟଫୁଟନ୍ତ କୃଷ୍ଣଚୂଡ଼ାର ଗୁଚ୍ଛ ।

ସିଗାରେଟ୍ ସରିଗଲା । ସଦାନନ୍ଦ ଜଳନ୍ତା ସିଗାରେଟ୍‌ଟା ଫିଙ୍ଗିଦେଲା ବାହାରକୁ ।

....... ଆହୁରି ଷୋଳ କଲମ ବାକୀ ।

ସଦାନନ୍ଦ ହିଂସ୍ର ଭାବରେ ଝରକାଟା ବନ୍ଦ କରିଦେଲା । କ୍ରୀତଦାସର ପୃଥିବୀରେ ଜୀବନ ମାନେ ବଞ୍ଚିବା ନୁହେଁ କିନ୍ତୁ ଏକ ଅର୍ଥହୀନ ଜୀଇ ରହିବା । କ୍ରୀତଦାସର ଏ ପୃଥିବୀ । ଏହାର ପ୍ରତ୍ୟେକ ଅଧିବାସୀର ଅସ୍ଥି ମଜ୍ଜାରୁ ବଞ୍ଚିବାର ଆନନ୍ଦ ଶୋଷଣ କରିନେଇଛି ଦାସତ୍ୱ ।

ସହରତଳୀ କୁଲିବସ୍ତିର କୁଲି ଆଉ ସଦାନନ୍ଦ ଭିତରେ କଣ ବା ତଫାତ୍ ଅଛି? କୁଲି, କାରଖାନା ମାଲିକର କ୍ରୀତଦାସ, ଆଉ ଆଦର୍ଶବାଦୀ ସଦାନନ୍ଦ, କ୍ରୀତଦାସ ଏକ ଆଦର୍ଶର ବା ଆଦର୍ଶବାଦର ।

ବରଂ କୁଲିର ଜୀବନରେ ପୂର୍ଣ୍ଣତାର ଆସ୍ୱାଦ ଅଛି । ସପ୍ତାହରେ ମଜୁରୀ ମିଳିଲା ଦିନ, ଅନ୍ତତଃ ଦିନକ ଲାଗି ସୁଦ୍ଧା ପାଣିିମିଶା ସରାପ ପିଇ, ସେ ଜୀବନରେ ତୃପ୍ତି ପାଏ । କିନ୍ତୁ ସଦାନନ୍ଦର ସେତେକ ନାହିଁ ଯେ! ଜୀବନ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏକ ବିରାଟ ଅତୃପ୍ତି । ଆଦର୍ଶର ପୂର୍ଣ୍ଣତା କାହିଁ?

ଦମକାଏ ପବନରେ ଝରକାଟା ଆପେ ଆପେ ପୁଣି ଖୋଲିଗଲା । କ୍ରୀତଦାସର ମୁମୂର୍ଷୁ ଜୀବନ ପ୍ରତି ଜୀବନୋଚ୍ଛଳ କୃଷ୍ଣଚୂଡ଼ାର ସେଇ ରଙ୍ଗୀ ଉପହାସ ।

ଏହା ଭିତରେ ଅନେକ, ଅନେକ ବର୍ଷ ବିତିଯାଇଛି । ଦିନେ ତମସାର ଜୁଡ଼ାରେ ନିଜ ହାତରେ ସେ ପିନ୍ଧାଇଥିଲା କୃଷ୍ଣଚୂଡ଼ାର ସ୍ତବକ । ସେ ଅନେକ ଦିନ ତଳେ, ଯେଉଁ ଦିନ ତମସା ଆସିଥିଲା ନବବଧୂ ସାଜି । ସେ ଦିନ ଏମିତି ହୁଏତ ବର୍ଷଣକ୍ଳାନ୍ତ ଆଷାଢ଼ର ଗୋଟିଏ ଅଳସ ମଧ୍ୟାହ୍ନ ।

ଆଜି ହାତରୁ ସେ ଚପଳତା ମରିଗଲାଣି ।

ଷୋଳଟି ସ୍ତମ୍ଭ ଆଉରି ବାକୀ ।

ସଦାନନ୍ଦ ପୁଣି ଆସି ଟେବୁଲ୍ ପାଖରେ ବସି ପଡ଼ିଲା । କିନ୍ତୁ କଣ ଦେଇ ବା ସେ ପୂର୍ଣ୍ଣ କରିବ ଏ ବାକୀ ଷୋଳଟି ସ୍ତମ୍ଭ? ବିଲାତର ଦଲାଲୀ? ରୁଷିଆର ଜମିଦାରୀ ବୃଦ୍ଧି? ଆମେରିକାର ମହାଜନୀ? ଭାରତର ମାନସିକ ଦାରିଦ୍ର୍ୟ ?... ସେ ସବୁ ଲେଖିବା ପାଇଁ ସଦାନନ୍ଦର ଆଉ ଧୈର୍ଯ୍ୟ ନାହିଁ ।

ଆଚ୍ଛା ଏଇ କୃଷ୍ଣଚୂଡ଼ାର କଥା ଖବରକାଗଜରେ ଲେଖି ହୁଏନା? ଏଇ କାନ୍ତ, ଲଳିତ, ରଙ୍ଗୀ କୃଷ୍ଣଚୂଡ଼ା...ଯାହାର ରକ୍ତିମ ବିଳାସରେ ଆଷାଢ଼ର ଏଇ ନୀରବ, ମେଦୁର ମଧ୍ୟାହ୍ନ ଚପଳ ହୋଇଉଠିଛି ।

ନାଁ, ସମ୍ପାଦକର ପୃଥିବୀରେ କୃଷ୍ଣଚୂଡ଼ା ଏକ ଅବାନ୍ତର ସୃଷ୍ଟି । ସମୁଦାୟ ପୃଥିବୀ ହୁଏତ ଉପହାସ କରିବ, ଖବରକାଗଜ ସ୍ତମ୍ଭରେ କୃଷ୍ଣଚୂଡ଼ାର ବର୍ଣ୍ଣନା ।

କିନ୍ତୁ ଏପରି ରାଜନୀତିର କଣ ପରିକଳ୍ପନା ହୁଏନା, ଯେଉଁଥିରେ ଜୀବନର ଅର୍ଥ ଖାଲି ବଞ୍ଚିବା ନୁହେଁ, ଲକ୍ଷ୍ୟ ଖାଲି ସାମ୍ରାଜ୍ୟ ନୁହେଁ, ଆଧିପତ୍ୟ ନୁହେଁ, କ୍ଷମତା ନୁହେଁ, ଅନ୍ୟକୁ ଶୋଷଣ କରି ଅଭିବୃଦ୍ଧି ନୁହେଁ । ଯୋଉ ଜୀବନରେ କୃଷ୍ଣଚୂଡ଼ାର ମଧ୍ୟ ସ୍ଥାନ ଅଛି ।

ସଦାନନ୍ଦ ପୁଣି ଆସି ପ୍ରୁଫ୍‌ବିଡ଼ା ପାଖରେ ବସି ପଡ଼ିଲା ।

କିନ୍ତୁ ଏ ସଂକୀର୍ଣ୍ଣ କୋଣ ବିରୁଦ୍ଧରେ ମନ ଆଜି ତାର ଯେମିତି ବିପ୍ଳବ କରି ଉଠିଛି । କୃଷ୍ଣଚୂଡ଼ା ସେଇ ବିପ୍ଳବର ଗୈରିକ ପତାକା ଉଡ଼ାଇ ଦେଇଯାଇଛି ବାହାରର ପୃଥିବୀରେ ।

ସଦାନନ୍ଦ ଚଉକୀ ଛାଡ଼ି ଉଠି ଆସିଲା ସମ୍ମୋହିତ ପରି । ତା’ ପରେ ଅଫିସ ଛାଡ଼ି ପଳାଇଗଲା ବାହାରକୁ ।

ବାହାରେ ବର୍ଷା ବନ୍ଦ ହୋଇ ଯାଇଛି । ସଦାନନ୍ଦ ଠିଆ ହେଲା ଆସି କୃଷ୍ଣଚୂଡ଼ାର ସେଇ ଗଛ ତଳେ । ତଳର ସାବୁଜା ଘାସଶେଯ ଉପରେ ପବନରେ ବିଛେଇ ହୋଇ ପଡ଼ିଛି କୃଷ୍ଣଚୂଡ଼ାର ନାଲି ପାଖୁଡ଼ା ।

ସଦାନନ୍ଦର ଦେହର ପ୍ରତି ଧମନୀରେ ଜାଗିଉଠିଲା ଯେପରି ଆଦ୍ୟ ଯୌବନର ମୃତ ଚପଳତା । ଗଛରେ ଚଢ଼ି ଇଚ୍ଛା ହେଲା ତାର ମନଭରି କୃଷ୍ଣଚୂଡ଼ା ତୋଳିବା ପାଇଁ ।

ଭିତରେ କିନ୍ତୁ, ସଦାନନ୍ଦ ଖୋଜି ପାଇଲା ନାହିଁ ସାହସ । ସଦାନନ୍ଦ ଏ ବୟସରେ ଗଛରେ ଚଢ଼ି କୃଷ୍ଣଚୂଡ଼ା ତୋଳୁଛି- ପୃଥିବୀ ଉପାହାସ କରିବ । ସଦାନନ୍ଦ ଚାରିଆଡ଼କୁ ଚାହିଁଲା । ଚାରିଆଡ଼େ ମଣିଷ । ଚାରିଆଡ଼େ ଖାଲି ଅଗଣିତ ଘୃଣ୍ୟ କୁତ୍ସିତ ଦ୍ୱିପଦ ପଶୁ ।

ଏଇ ରମେଶ ଆସୁଛି, ଆସୁଛି ନିଶ୍ଚୟ କଣ ଗୋଟାଏ ନୂଆ ଅସୁବିଧାର ଅଭିଯୋଗ ନେଇ ।

ରମେଶ କହିଲା.... ପ୍ରେସ ବନ୍ଦ । ଆପଣ ଏଣେ ବୁଲୁଛନ୍ତି, କିନ୍ତୁ କାଲି କମ୍ପୋଜିଟରମାନେ କେମିତି ଦରମା ପାଇବେ କହନ୍ତୁ ତ ।

ସଦାନନ୍ଦ କହିଲା...ଜାଣେନା ।

ରମେଶ ପଚାରିଲା....ମାନେ ?

ସଦାନନ୍ଦ କହିଲା...ଜାଣେ ନା । ତମେ ଯାଅ ରମେଶ । ମୋତେ ଆଉ ବିବ୍ରତ କରନା ।

ରମେଶ ଅଭିଭୂତ ପରି ସେଠୁ ଚାଲି ଆସିଲା ।

କିଛି ସମୟ ପରେ ସଦାନନ୍ଦ ମଧ ଫେରି ଆସିଲା । ଚାରିଆଡ଼େ ମଣିଷ । ଗଛରେ ଚଢ଼ି କୃଷ୍ଣଚୂଡ଼ା ତୋଳିବା ପାଇଁ ସାହସ ହେଲା ନାହିଁ ତାର ।

ରାତି ଅନେକ ହୋଇଛି ।

ମେଘାକ୍ରାନ୍ତ ଆକାଶରେ ହୋଇଛି କୃଷ୍ଣାତିଥିର ମଳିନ, ବିଳମ୍ବିତ ଚନ୍ଦ୍ରୋଦୟ ।

ସେଇ ମଳିନ ଜ୍ୟୋସ୍ନାର ଗୋଟିଏ ଫଳକ ପଡ଼ିଛି ଆସି ସୁପ୍ତା ତମସା ଉପରେ ।

ସଦାନନ୍ଦର ଆଖିରେ ନିଦ ନାହିଁ । ଦୁଇ ଆଖିରେ ତାର କୃଷ୍ଣଚୂଡ଼ାର ରକ୍ତିମ ଚପଳତା ।

ଏଇ ସେଇ ତମସା.... ଯାହାର କବରୀରେ ସଦାନନ୍ଦ ଦିନେ ଖୋସି ଦେଇଥିଲା କୃଷ୍ଣଚୂଡ଼ାର ସ୍ତବକ? ନା ଏ ତମସା, ସେ ନବବଧୂ ତମସା ନୁହେଁ, ଯାହାର କବରୀରେ ସେ ଦିନ ପୁଞ୍ଜୀଭୂତ ହୋଇ ରହିଥିଲା ତମସାବୃତ ରାତ୍ରିର ମାୟା । ସେ ତମସା ମରିଗଲାଣି ।

ମଣିଷ ମରିଯାଏ, କୋଉଦିନ ନିଜର ଅଲକ୍ଷିତରେ ମରିଯାଏ । ତା' ପରେ ଯେଉଁ ଅବଶିଷ୍ଟ ଜୀବନ ପଡ଼ିରହେ, ସେ ଖାଲି କ୍ରୀତଦାସର ବୈଚିତ୍ର୍ୟହୀନ ବଞ୍ଚିବା।

ତମସା ମରିଯାଇଛି, ସଦାନନ୍ଦ ମରିଯାଇଛି ।

ସଦାନନ୍ଦ ବିଛଣା ଛାଡି ଅତି ସନ୍ତର୍ପଣରେ ଘରୁ ବାହାରିଗଲା । ସେଇ କୃଷ୍ଣଚୂଡ଼ା ଗଛ ।

ସୁପ୍ତା ପୃଥିବୀର ଶଯ୍ୟା ଉପରେ କୃଷ୍ଣଚୂଡ଼ା ଯେପରି ଚାମର ଦୋଳାଉଛି ।

ସଦାନନ୍ଦ ଗଛ ତଳେ ଆସି ଠିଆ ହେଲା । ଦେହରେ ଲୁଗାପଟା ଭିଡ଼ିଲା, ଗଛରେ ଚଢ଼ିବା ପାଇଁ; କିନ୍ତୁ ମନେହେଲା ତାର ସେ ଯେମିତି ଅଥର୍ବ, ପଙ୍ଗୁ ହୋଇଯାଇଛି । ଦେହର ପ୍ରତି ଅଙ୍ଗ ପ୍ରତ୍ୟଙ୍ଗରୁ ଆଗର ସେ ଜୀବନ୍ତ ଚପଳତା ମରିଯାଇଛି ।

ତଥାପି ସଦାନନ୍ଦ ଗଛରେ ଚଢ଼ିବାକୁ ଆରମ୍ଭ କଲା, ସମସ୍ତ ଶକ୍ତି ଓ ସାମର୍ଥ୍ୟ ପ୍ରୟୋଗ କରି ।

ହଠାତ୍ ପଛରୁ ଶୁଭିଲା....କୋନ୍ ହାୟ?

ରାତି ବିଟ୍‌ର କନେଷ୍ଟବଲ । ବେକରୁ ପାଦ ପର୍ଯ୍ୟନ୍ତ ବର୍ଷାତି । ହାତରେ ଖଣ୍ଡେ ଠେଙ୍ଗା । ଓଠରେ ଖଣ୍ଡେ ବିଡ଼ି ।

ସଦାନନ୍ଦ ଗଛରୁ ଖସି ଆସିଲା ।

କନେଷ୍ଟବଲ ଟର୍ଚ୍ଚ ମାରିଲା ସଦାନନ୍ଦ ଉପରକୁ ।

"…. ଓ ଆପଣ ! ଏତେ ରାତିରେ ?"

ସଦାନନ୍ଦ ଅପ୍ରତିଭ ହୋଇ କହିଲା…. "ନାଁ- ଏମିତି - କିଛି ନୁହେଁ ।"

କନେଷ୍ଟବଲ ଆଉ କିଛି କହିବା ଆଗରୁ ସଦାନନ୍ଦ ଦ୍ରୁତପଦରେ ସେଠୁ ଚାଲିଆସିଲା ।

ମନେହେଲା ତାର ଏ ପୃଥିବୀ ମରିଯାଇଛି । ସଦାନନ୍ଦ ମରିଯାଇଛି । କୃଷ୍ଣଚୂଡ଼ା କେବଳ ସେଇ ଏକଦା ଛବିଳ ଜୀବନର ଅଶ୍ଳୁଳ ସ୍ମାରକୀ ।